# Akashvani, Sambalpur

## SAMBALPURI NEWS BULLETIN

### 27 August 2025 - 6.47- 6.52 am.

*********************************************

ନୂଆଖାଇ-ସିଏମ୍ କିଶାନ      ଭୁବନେଶ୍ୱର ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ଗଣପର୍ବ ନୂଆଖାଇ ଅବ୍‌ସରେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀମାନଙ୍କୁ ସିଏମ୍-କିଷାନ୍ ସାହାଜ୍ ଟଙ୍କା ଦେବେ । ଭୁବ୍‌ନେଶ୍ୱର୍ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଲୟ-ଓୟୁଏଟି ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଡିବିଟି ଜରିଏ ଚାଷୀମାନ୍‌କର ବେଙ୍କ୍ ଖାତାକେ ସିଧାସଲଖ୍ ୨ ହଜାର ଟଙ୍କା ଲେଖା ସାହାଜ୍ ପଠାଯିବା । ଇଥି ରାଜ୍ୟର୍ ୫୨ ଲାଖ୍ ଛୋଟ୍ ଆଉ ନାମମାତ୍ର ଚାଷୀ ଉପକୃତ୍ ହେବେ ।

ରାଜ୍ୟପାଲ୍-ସ୍କୁଲ୍ ଛୁଆ ଦୃଷ୍ଟି ସମସ୍ୟା      I&PR

ସ୍କୁଲ୍ ଛୁଆମାନ୍‌କର୍ ଦୃଷ୍ଟି ସମସ୍ୟା ଆଉ ଟୁକେଲ୍ ଛୁଆ ଆର୍ ମହିଳାମାନ୍‌କର୍ ହିମୋଗ୍ଲୋମିନ୍ ସ୍ତର୍ ଲାଗି ହେଉଥିବା ସମସ୍ୟା ଦୂର୍ କର୍‌ବାର୍ ଦିଗେ ମିଲିତ୍ ପଦକ୍ଷେପ୍ ବାବ୍‌ଦେ ରାଜ୍ୟପାଲ୍ ଡକ୍ଟର୍

ହରିବାବୁ କମ୍ବମ୍‌ପାଟି ଜୋର୍ ଦେଇଛନ୍ । ଗଲାକାଏଲ୍ ରାଜ୍‌ଭବନ୍‌ର ନ୍ୟୁ ଅଭିଷେକ୍ ହଲ୍ ଠାନେ ହେଇଥିବା ଦୃଷ୍ଟି ସମସ୍ୟା ନିୟନ୍ତ୍ରଣ୍ ଆଉ ରକ୍ତହୀନତା ଦୂରୀକରଣ୍ ବାବଦ୍ ଗୁଟେ ବୈଠକ୍‌ଥି ରାଜ୍ୟପାଲ୍ ଇ ବାବ୍‌ଦେ କହିଛନ୍ । ଇଥିର୍‌ଲାଗି ଶିଳ୍ପସଂସ୍ଥା, ଏନ୍‌ଜିଓ, ବ୍ୟବସାୟିକ ସଂଗଠନ୍, ଶିକ୍ଷାନୁଷ୍ଠାନ୍, ଚକ୍ଷୁ ଚିକିତ୍ସାଳୟମାନ୍‌କର୍ ସହଯୋଗ୍ ଲାଗି ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍ ।

ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ, ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଆଉ ଅଲ୍‌ଗା ପ୍ରଶାସନିକ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ପଢ଼ାବହି ବଦ୍‌ଲିବା ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ଶିକ୍ଷାନୀତି -୨୦୨୦ ଅନ୍‌ସାରେ ଆଏବା ଶିକ୍ଷା ବଛର୍‌ନୁ ପ୍ରାଥମିକ ସ୍କୁଲ୍ ମାନ୍‌କେ ପଢ଼ାବହି ବଦ୍‌ଲିବା । ନେସ୍‌ନାଲ୍ କରିକୁଲମ୍ ଫର୍ ସ୍କୁଲ୍ ଏଜୁକେସନ୍ ଢାଂଚାଥି ଇସବୁ ବହି ତିଆର୍ ହେବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଇ ବାବ୍‌ଦେ ହେଇଥିବା ଗୁଟେ ବୈଠକ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ କହିଛନ୍, ଓଡ଼ିଶା କରିକୁଲମ୍ ଫ୍ରେମ୍ ୱାର୍କ ଫର୍ ସ୍କୁଲ୍ ଏଜୁକେସନ୍ -୨୦୨୫ର ଅଗ୍ରଗତିର୍ ସମୀକ୍ଷା ହେଇଛେ । ମିଳିଥିବା ସୂଚ୍‌ନା ଅନ୍‌ସାରେ ୧ ନୁ ୮

ଶ୍ରେଣୀତକ୍ ମୋଟ୍ ୫୫ ଟା ପଢ଼ାବହିକେ ବିକଶିତ୍ କରାଯିବା । ସେଥିର୍‌ଭିତ୍‌ରୁ ୨୪ ଟାର୍ ପ୍ରସ୍ତୁତି ଶେଷ୍ ହେଇଛେ ଆଉ ୩୨ ଟା ଅନୁମୋଦନ୍ ଅପେକ୍ଷାଥି ଅଛେ । ଛୁଆମାନ୍‌କୁ ଇସବୁ ବହି ମାହାଲିଆ ଦିଆଯିବା ବଲି ମନ୍ତ୍ରୀ କହିଛନ୍ ।

ଶାସନ୍ ସଚିବ-ସମୀକ୍ଷା ବୈଠକ୍ I&PR

ପ୍ରାଥମିକ କୃଷି ସମବାୟ ସମିତି- ପେକ୍ସ ଆଉ ନିବନ୍ଧକ୍ ସମବାୟ ସମିତି ସଂଘ କାର୍ଯ୍ୟାଳୟ- ଓଡ଼ିଶାର୍ କମ୍ପ୍ୟୁଟରୀକରଣ୍ ଉପ୍‌ରେ ଗୁଟେ ଦିନ୍‌କିଆ କର୍ମଶାଳା ଆଉ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ପେକ୍ସର କମ୍ପ୍ୟୁଟରୀକରଣ୍ ହେବାର୍ ଲାଗି ସମବାୟ ସଂରଚନା ବର୍‌କସ୍ ହେବାର୍‌ଥି ଲାଗିଛେ । ଡିଜିଟାଲ୍ ପରିବର୍ତ୍ତନ୍, ସମବାୟ କ୍ଷେତ୍ରର୍ କାର୍ଯ୍ୟପ୍ରଣାଳୀକେ ଅଏତ୍‌କା ପ୍ରଭାବୀ କରିଛେ, ଯେନ୍‌ଟା କୃଷକ୍ ଆଉ ଗ୍ରାମାଂଚଲ୍‌ର ଲୁକ୍‌କୁ ଋଣ ଆଉ ସର୍‌କାରୀ ସହଯୋଗ୍ ଯୁଗାବାର୍‌ଥି ସାହାଜ୍ କରୁଛେ ବଲି ସମବାୟ ବିଭାଗ୍‌ର କମିଶନର୍ ଆଉ ଶାସନ୍ ସଚିବ ରାଜେଶ୍ ପ୍ରଭାକର୍ ପାଟିଲ୍ କହିଛନ୍ ।

ଗଣେଶ ପୂଜା ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଗଣେଶ୍ ପୂଜା । ଶ୍ରୀଗଣେଶ୍ଙ୍କୁ ବିଦ୍ୟାର ଦେବତା ଆର୍ ଅଗ୍ରପୂଜ୍ୟ ଭାବେ ଧାର୍ମିକ୍ ଉତ୍ସବ୍, ଯଜ୍ଞ ପୂଜା ଆର୍ ଶୁଭ୍ କାମ୍ଥି ପହେଲା ପୂଜା କରାଯାଏସି । ଭୁଦୋ ମାସର୍ ଉଜଲ୍ପଖର୍ ଚତୁର୍ଥୀ ତିଥି ନୁ ଦେଶର୍ ଭିନ୍ ଭିନ୍ ଜାଗା ନ ୧୧ ଦିନ୍ତକ୍ ଗଣେଶପୂଜା ପାଲନ୍ କରାଯାଏସି । ମହାରାଷ୍ଟ୍ର ନ ଗଣେଶ ପୂଜାକେ ସେନର୍ ସବୁନୁ ବଡ଼ ପରବ ଭାବେ ପାଲନ୍ କରାଯାଏସି । ହାଇଦ୍ରାବାଦ୍ ନ ଭିଲ୍ ଆଏଜ୍ଠାନୁ ୧୧ ଦିନ୍ତକ୍ ପ୍ରଭୁ ବିଘ୍ନନାଶନ୍ଙ୍କର୍ ପୂଜା ପାଲନ୍ କରାଯାଏସି । ଶିକ୍ଷାନୁଷ୍ଠାନ୍ମାନ୍କେ ଗଣେଶପୂଜାର ଖାସ୍ ମହତ୍ୱ ରହିଛେ । ଗଣେଶ୍ ଚଉଠି ଅବ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଜ୍ଞାନ୍ ବିଜ୍ଞାନ୍ ଆର୍ ସମୃଦ୍ଧି ଦଉଥିବା ଭଗବାନ ଗଣେଶ୍ଙ୍କର୍ ପର୍ବ ଆମ୍କୁ ନମ୍ର ଆର୍ କର୍ତବ୍ୟ ନିଷ୍ଠ ହେବାର୍କେ ଶିଖାସି ବଲି ରାଷ୍ଟ୍ରପତି ତାଙ୍କର୍ ବାର୍ତାଥି କହିଛନ୍ ।

ଖାଦ୍ୟ ଯୋଗାଣ ମନ୍ତ୍ରୀ- ବର୍ଗଡ଼୍ ଗସ୍ତ ବର୍ଗଡ଼୍ ସମ୍ବାଦଦାତା

ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବର୍ଗଡ଼୍ ଜିଲ୍ଲା ଆସିକରି ସାର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷ ନ ବିଭାଗୀୟ ଅଧିକାରୀଙ୍କର୍ ସହେତେ ଧାନ୍ ଘିନା, ଚାଷୀପଞ୍ଜିକରଣ୍ ଆଉ ବିଭାଗୀୟ କାମ୍କାଜ୍ର ସମୀକ୍ଷା କରିଛନ୍ ।

ଜିଲ୍ଲା ନ ଗଲାବଛରନୁ ଇ ବଛର ୮ ହଜାରନୁ ଅଏତକା ଚାଷୀ ଧାନ୍ ବିକ୍ରି ଲାଗି ପଞ୍ଜିକରଣ୍ କରିଛନ୍ । ଇ ବଛର୍ ଜିଲ୍ଲା ନ ମୋଟ୍ ୧ ଲାଖ୍ ୬୩ ହଜାର୍ ୭ ଶହ ୨୭ ଝନ୍ ଚାଷୀ ପଞ୍ଜିକରଣ୍ କରିଛନ୍ । ବାକିଥିବା ଚାଷୀ ମାନ୍‌କର୍ ବାବ୍‌ଦେ ଜିଲ୍ଲାପାଲ୍‌ଙ୍କୁ ରିପୋର୍ଟ ମଗାଯାଇଛେ । ରିପୋର୍ଟ ଆସ୍‌ଲା ଉତ୍‌ରୁ ସର୍‌କାର୍ ଇ ଦିଗେ ବିଚାର୍ କର୍‌ବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଟୁକୁର୍ଲା ଠାନେ ଥିବା ସାଇନ୍ସ ପାର୍କର ଉନ୍ନତିକରଣ୍ ପ୍ରକଳ୍ପର୍ ଶିଲାନ୍ୟାସ୍ କରିଛନ୍ ।

ଜିଏମ୍‌ୟୁ-ଜାତୀୟ ସେମିନାର          ଆର୍‌ଏନ୍‌ୟୁ/ ସମ୍ବଲପୁର

ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ୍ ତର୍‌ଫୁ ଭାରତୀୟ ଜ୍ଞାନ୍ ପରମ୍ପରା ବିଷେଥି ଗୁଟେ ଜାତୀୟ ସେମିନାର୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟବକ୍ତା ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର୍ ଇଂରାଜୀ ବିଭାଗ୍‌ର ପ୍ରଫେସର୍ ମଧୁସ୍ମିତା ପତି ଆଉ କୋଲ୍‌କାତା ସେଂଟ୍ ଜାଭିଅର୍ ବିଶ୍ୱବିଦ୍ୟାଳୟ ପ୍ରଫେସର୍ ଡକ୍ଟର୍ ଅଶୋକ ମହାପାତ୍ରଙ୍କର୍ ସହେତେ ବିଶ୍ୱବିଦ୍ୟାଳୟର୍ ଭାରପ୍ରାପ୍ତ କୁଳପତି ପ୍ରଫେସର୍ ସୁଶାନ୍ତ ଦାସ, ଉପକୁଳ ସଚିବ ଡକ୍ଟର୍ ଉମାଚରଣ୍ ପତି ପ୍ରମୁଖ ଯୋଗ୍ ଦେଇଥିଲେ ।

ପାଣିପାଗ/ହୀରାକୁଦ୍                    ଆର୍ଏନ୍ୟୁ/ ସମ୍ବଲପୁର

ଘୂର୍ଣ୍ଣିବଳୟର୍ ପ୍ରଭାବ୍ଥି ଉତର୍ ପର୍ଶ୍ଚିମ ବଙ୍ଗୋପ୍ସାଗର୍ ନ ଆଏଜ୍ ଗୁଟେ ଲଘୁଚାପ୍ ହେଇଛେ । ଲଘୁଚାପ୍ ପର୍ଶ୍ଚିମ-ଉତର୍-ପର୍ଶ୍ଚିମ ଦିଗ୍କେ ଗତିକରି ଆହୁରି ବର୍କସ୍ ହେବା । ଇତାର୍ବଲେ ଦକ୍ଷିଣ୍ ଓଡ଼ିଶା ନ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଇତାର୍ ପ୍ରଭାବ୍ଥି ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ୧୦ ଟା ଜିଲ୍ଲା ନ ଘଡ୍ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ ଏଛେନ୍ ୪ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଖାଲର୍ ୬ ବଜେତକ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୨୧ ଦଶ୍ମିକ୍ ୮/୭ ଫୁଟ୍ ରହିଛେ ।